# କେନ୍ଦୁଝର : ହକି ବିଶ୍ୱକପ୍ ଟ୍ରଫିକୁ ଭବ୍ୟ ସ୍ୱାଗତ ପାଇଁ ପ୍ରସ୍ତୁତି

କେନ୍ଦୁଝର, ତା ୦୨.୦୧. ଚଳିତ ଜାନୁଆରୀ ୧୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡିଶାରେ ଆୟୋଜିତ ହେବାକୁ ଥିବା ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଟ୍ରଫି ରାଜ୍ୟର ବିଭିନ୍ନ ଜିଲ୍ଲା ପରିକ୍ରମା କରୁଛି । ଆଗାମୀ ତା ୦୬.୦୧.୨୦୨୩ ଓ ୦୭.୦୧.୨୦୨୩ ରିଖ ଦୁଇଦିନ ଧରି ଟ୍ରଫିର କେନ୍ଦୁଝର ଜିଲ୍ଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ଦୃଷ୍ଟିରୁ ଟ୍ରଫିକୁ ଭବ୍ୟ ସ୍ୱାଗତ ଜଣାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏ ସଂପର୍କରେ ତା ୩୧.୧୨.୨୦୨୨ରିଖ ଦିନ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀମତୀ ଜୟଶ୍ରୀ ବେଉରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାଏକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆର ଶ୍ରୀମତୀ ଜୟଶ୍ରୀ ମଲ୍ଲିକ୍, ଡି.ଏସ୍.ପି. ଡି.ଆଇ.ବି. ଶ୍ରୀମତୀ ଇନ୍ଦୁମତି ପଣ୍ଡିମକବାଟ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆନନ୍ଦପୁର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ପୁରୁଷ ହକି ବିଶ୍ୱକପ୍ ଓ ମାସ୍କଟ୍ ଓଲିକୁ ଜିଲ୍ଲା ପରିକ୍ରମା ବେଳେ ଭବ୍ୟ ସ୍ୱାଗତ କରିବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରି ଏହାର ସଫଳତା ନିମନ୍ତେ  ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲାର ସୀମାନ୍ତ ତେଲକୋଇ ବ୍ଲକ୍ ଅନ୍ତର୍ଗତ ବିମଳାଠାରେ ଢେଙ୍କାନାଳ ଜିଲ୍ଲା ପ୍ରଶାସନଠାରୁ ହକି ବିଶ୍ୱକପ୍ ଟ୍ରଫିକୁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଗ୍ରହଣ କରାଯାଇ ବିମଳା ଗ୍ରାମ ପଂଚାୟତ କାର୍ଯ୍ୟାଳୟଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗୋଲି ଇତ୍ୟାଦି କାର୍ଯ୍ୟକ୍ରମ ଜରିଆରେ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଉପସ୍ଥିତିରେ ଭବ୍ୟ ସ୍ୱାଗତ କରାଯିବ । ତତ୍ପରେ ରାସ୍ତାରେ ସିରିଗିଡା, ଆକୁଳ, ଖୁଂଟାପଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟମାନଙ୍କରେ ଅନୁରୂପ ଭାବେ ସ୍ୱାଗତ ସଂବର୍ଦ୍ଧନା ଜ୍ଞାପନ କରାଯିବା ପରେ ତେଲକୋଇ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌କୁ ଅଣାଯିବ । ସେଠାରେ ମଧ ଛାତ୍ରଛାତ୍ରୀ, ଲୋକପ୍ରତିନିଧି, ସରକାରୀ ପଦାଧିକାରୀ, ଏସ୍.ଏଚ୍.ଜି. ତଥା ଜନସାଧାରଣଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଂବର୍ଦ୍ଧନା ଦିଆଯିବ । ତାପରେ କାଞ୍ଜିପାଣି ଘାଟିଠାରେ ବାଂଶପାଳ ବ୍ଲକ୍ ପ୍ରଶାସନ ତରଫରୁ ହକି ବିଶ୍ୱକପ୍‌କୁ ସ୍ୱାଗତ କରାଯିବ । ଜାନୁଆରୀ ୦୬ ତାରିଖ ସନ୍ଧ୍ୟାରେ ଟ୍ରଫି କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ସର୍କିଟ୍ ହାଉସ୍‌ଠାରେ ପହଂଚିବ । ଜାନୁଆରୀ ୦୭ ତାରିଖ ଶନିବାର ଦିନ ସକାଳ ୦୭ଘଟିକା ସମୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ହକି ବିଶ୍ୱକପ୍ ଟ୍ରଫିକୁ ଅଣାଯିବ ଏବଂ ସେଠାରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲୋକ ପ୍ରତିନିଧି, ଏଚ୍.ଏଚ୍.ଜି., ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫିକୁ ଭବ୍ୟ ସ୍ୱାଗତ କରାଯିବ । ସ୍ୱାଗତ ସଂବର୍ଦ୍ଧନା କାର୍ଯ୍ୟକ୍ରମକୁ ଉତ୍ସବ ମୁଖର କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ମିନି ମାରାଥନର ଶୁଭାରମ୍ଭ କରାଯିବ । ମାସ୍କଟ୍ ଓଲି ମଧ ସ୍ୱତନ୍ତ୍ର ଯାନରେ ସହର ପରିକ୍ରମା କରିବ । ଏହି ଅବସରରେ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ସେଲଫି ଜୋନ ଓ ଫ୍ୟାନ୍ ପାର୍କ ସ୍ଥାପନ ପାଇଁ ନିଷ୍ପତି ନିଆଯାଇଛି । ଶନିବାର ପାଖାପାଖି ପୂର୍ବାହ୍ନ ୧୦ ଘଟିକା ସମୟରେ ହକି ବିଶ୍ୱକପ୍ ଟ୍ରଫି ଓ ମାସ୍କଟ୍ ଓଲି କେନ୍ଦୁଝର ଜିଲ୍ଲା ସହର ମହକୁମା ଛାଡି ମୟୁରଭଞ୍ଜ ଜିଲ୍ଲା ଅଭିମୁଖେ ଯାତ୍ରା କରିବ ଏବଂ ମୟୁରଭଞ୍ଜ ଜିଲ୍ଲାର ସୀମାନ୍ତ ଚଢେଇଭୋଳଠାରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ମୟୁରଭଞ୍ଜ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଛି । ଏତଦ୍‌ବ୍ୟତୀତ ହକି ବିଶ୍ୱକପ୍ ଉପଲକ୍ଷେ ପଂଚାୟତ/ବ୍ଲକ୍ ସ୍ତରରୁ ଚୟନ ହୋଇ ଆସିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ତଦୁର୍ଦ୍ଧ ବର୍ଗର ପ୍ରତିଯୋଗୀମାନଙ୍କ ମଧ୍ୟରେ ଚଳିତ ଜାନୁଆରୀ ୬ ତାରିଖରୁ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯିବ । ଉଲ୍ଲେଖଯୋଗ୍ୟ ଯେ ଏଫ୍.ଆଇ.ଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜନ ଅବସରରେ କେନ୍ଦୁଝର ଜିଲ୍ଲାରେ ଜାନୁଆରୀ ୨୨ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ କାଳୀପଡିଆଠାରେ ମିନି ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ । ଏହି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏଲ୍.ଇ.ଡି ମାଧ୍ୟମରେ  ହକି ବିଶ୍ୱକପ୍ ମ୍ୟାଚ୍ ପ୍ରଦର୍ଶନ କରାଯିବ । ସୂଚନାଯୋଗ୍ୟ ଯେ ଚଳିତ ଜାନୁଆରୀ ୧୧ ତାରିଖ ଦିନ ଏଫ୍.ଆଇ.ଏଚ୍. ପୁରୁଷ ହକି ବିଶ୍ୱକପ୍ ୨୦୨୩ର ଉଦ୍‌ଘାଟନୀ ସମାରୋହ କଟକର ବାରବାଟୀ ଷ୍ଟାଡିୟମ୍‌ଠାରେ ହେବାକୁ ଥିବା ପରିପ୍ରେକ୍ଷୀରେ ଜିଲ୍ଲାସ୍ତରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଲ୍.ଇ.ଡି. ସ୍କ୍ରିନ୍ ଜରିଆରେ ଉଦ୍‌ଘାଟନୀ ସମାରୋହର ପ୍ରଦର୍ଶନ କରାଯିବ । ଏତଦ୍‌ବ୍ୟତୀତ ଗ୍ରାମ ପଂଚାୟତ, ବ୍ଲକ୍ ଓ ପୌରପାଳିକା ସ୍ତରରେ ମଧ ଅନୁରୂପ ବ୍ୟବସ୍ଥା ଗ୍ରହଣ କରାଯିବାକୁ ନିଷ୍ପତି ନିଆଯାଇଛି ।

ମ୦ ନି୦ 2/1/2023

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର